# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 04 October - 2023

### News Editor : ITISHREE SINGH RATHAUR

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ସିଲିଣ୍ଡର ପିଛା ସବ୍‌ସିଡି ୨୦୦ ରୁ ୩୦୦ ଟଙ୍କାକୁ ବୃଦ୍ଧି ପାଇଁ କେନ୍ଦ୍ର କ୍ୟାବିନେଟର ନିଷ୍ପତ୍ତି

— ଜାତୀୟ ହଳଦୀ ବୋର୍ଡ ଗଠନ ପାଇଁ ମିଳିଲା ଅନୁମୋଦନ

- ଭୁବନେଶ୍ୱର, ବାଲିଅନ୍ତା ଓ ଜଟଣୀ ବ୍ଲକର ଆବାସିକ କଲୋନୀ ପାଇଁ ୪୨୯ଟି ରାସ୍ତା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ମଞ୍ଜୁରୀ

- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଅନୁଷ୍ଠିତ ହେବ ଶ୍ରୀଜୀଉଙ୍କ ବନକଲାଗି ନୀତି

— ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ଏବଂ

- ଏସୀୟ କ୍ରୀଡାର ଜାଭଲିନ୍ ଥ୍ରୋରେ ଭାରତର ନୀରଜ ଚୋପ୍ରାଙ୍କୁ ସ୍ୱର୍ଣ୍ଣ; ରୌପ୍ୟ ପଦକ ହାସଲ କରି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କଲେ ଓଡ଼ିଶାର କିଶୋର ଜେନା

## ଉଜ୍ଜ୍ୱଳା ସବ୍‌ସିଡି

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ମିଳୁଥିବା ରନ୍ଧନ ଗ୍ୟାସ୍ ସବ୍‌ସିଡିକୁ ସିଲିଣ୍ଡର ପିଛା ଆଉ ଶହେ ଟଙ୍କା ବୃଦ୍ଧି କରିଛନ୍ତି। ପୂର୍ବରୁ ଏହା ୨୦୦ ଟଙ୍କା ଥିବାବେଳେ ବର୍ତ୍ତମାନ ସବ୍‌ସିଡି ବାବଦରେ ୩୦୦ ଟଙ୍କା ମିଳିବ। ଏ ନେଇ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଥିବା କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର କହିଛନ୍ତି।

ସେହିଭଳି ଜାତୀୟ ହଳଦୀ ବୋର୍ଡ ଗଠନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ କେନ୍ଦ୍ର କୃଷି ମନ୍ତ୍ରୀ ଜି.କିଷାନ ରେଡ୍ଡୀ କହିଛନ୍ତି, ଏହାଦ୍ୱାରା ବିଶେଷକରି ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ ଓ ଗୁଜୁରାଟର ଚାଷୀମାନେ ଉପକୃତ ହେବେ। ଏହା ମାଧ୍ୟମରେ ହଳଦୀ ଚାଷକୁ ଆହୁରି ପ୍ରୋତ୍ସାହିତ କରାଯିବା ସହ ଖାଦ୍ୟ ସୁରକ୍ଷା ମାନକ ହିସାବରେ ହଳଦୀର ଗୁଣବତ୍ତା ବୃଦ୍ଧି ପାଇଁ ପ୍ରୟାସ କରାଯିବ।

## ମୁଖ୍ୟମନ୍ତ୍ରୀ–ଆବାସିକ କଲୋନୀ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱର, ବାଲିଅନ୍ତା ଓ ଜଟଣୀ ବ୍ଲକର ଆବାସିକ କଲୋନୀଗୁଡ଼ିକ ପାଇଁ ୩୯ କୋଟି ୨୫ ଲକ୍ଷ ଟଙ୍କାର ୪୨୯ଟି ରାସ୍ତା ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି କାର୍ଯ୍ୟ ୩ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ୪୨୯ଟି ରାସ୍ତା ପ୍ରକଳ୍ପ ମଧ୍ୟରେ ଭୁବନେଶ୍ୱର ବ୍ଲକର ୧୪୦ଟି, ଜଟଣୀ ବ୍ଲକ୍‌ର ୨୪୬ଟି ଓ ବାଲିଅନ୍ତା ବ୍ଲକ୍‌ର ୪୩ଟି ପ୍ରକଳ୍ପ

ରହିଛି। ଏହିସବୁ ଅଞ୍ଚଳରେ ରାସ୍ତା ନିର୍ମାଣ, ଉନ୍ନତୀକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ କରାଯିବ।

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଆସନ୍ତାକାଲି ଅନୁଷ୍ଠିତ ହେବ। ଆଶ୍ୱିନ ମାସ କୃଷ୍ଣପକ୍ଷ ଷଷ୍ଠୀ ତିଥିରେ ବନକଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଆସନ୍ତାକାଲି ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ହବିଷ୍ୟାଳୀ ପଞ୍ଜୀକରଣ

ପୁରୀ ଶ୍ରୀକ୍ଷେତ୍ରରେ ରହି ହବିଷ ବ୍ରତ ପାଳନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ

ସୂଚନା ଅନୁସାରେ, ଆସନ୍ତା ୨୯ ତାରିଖରୁ କାର୍ତ୍ତିକ ବ୍ରତ ଆରମ୍ଭ ହେବ। ପଞ୍ଜୀକରଣ କରିଥିବା ହବିଷ୍ୟାଳୀଙ୍କୁ ସରକାରଙ୍କ ପକ୍ଷରୁ ମାଗଣାରେ ରହିବା ବ୍ୟବସ୍ଥା କରାଯିବା ସହ ମହାପ୍ରସାଦ ଯୋଗାଇ ଦିଆଯିବ। ଏଥିପାଇଁ ନରେନ୍ଦ୍ର କୋଣ, ବୃନ୍ଦାବତୀ ନିବାସ ସମେତ ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଏବଂ ବାଗେଡିଆ ଧର୍ମଶାଳାରେ ଆବଶ୍ୟକ ବ୍ୟବସ୍ଥା କରାଯିବ। ଏହାସହ ହବିଷ୍ୟାଳୀମାନଙ୍କୁ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ।

## ଜାପାନୀ ପାଠ୍ୟକ୍ରମ

କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାପାନୀ ଭାଷା ସାର୍ଟିଫିକେଟ୍ ପାଠ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ

ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଜାପାନୀ ଭାଷା ପାଠ୍ୟକ୍ରମ ଆରମ୍ଭ ହୋଇଥିବା ନେଇ ସେ ସୂଚନା ଦେଇଥିଲେ। ଏହି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ୬୦ ଜଣ ଛାତ୍ରଛାତ୍ରୀ ପାଇଁ ବ୍ୟବସ୍ଥା କରାଯାଇଛି।

## ଚକ୍ଷୁ ଚିକିତ୍ସା ଶିବିର

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ବାପୁଜୀ ସ୍କୁଲଠାରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଶିକ୍ଷା ବିଭାଗର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏହି ଶିବିରରେ ୩୦୫ ଜଣ ଛାତ୍ରଛାତ୍ରୀଙ୍କ ଆଖି ପରୀକ୍ଷା କରାଯାଇ ୪୮ ଜଣଙ୍କୁ ଚଷମା ଯୋଗାଇ ଦିଆଯାଇଛି। ସେହିପରି ୨୮ ଜଣଙ୍କୁ ଉତ୍ତମ ଚିକିତ୍ସା ପାଇଁ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି।

## ପୋଷଣ ଓଜନ ଉତ୍ସବ

ନବରଙ୍ଗପୁର ଜିଲ୍ଲାର ଆକାଂକ୍ଷୀ ବ୍ଲକ୍ ତେନ୍ତୁଲିଖୁଣ୍ଟିଠାରେ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ସଂକଳ୍ପ ସପ୍ତାହ ପାଳିତ ହୋଇଯାଇଛି। ଏ ଅବସରରେ ପୁଜାରୀଗୁଡା ଓ ଦିଗି ପଞ୍ଚାୟତର ଅଙ୍ଗନୱାଡି କେନ୍ଦ୍ରରେ ଛୋଟ ଛୁଆଙ୍କୁ ଓଜନ କରାଯାଇ ପୋଷଣ ଓଜନ ଉତ୍ସବ ପାଳନ କରାଯାଇଥିଲା।

## ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱରସ୍ଥିତ ମହିଳା ଓ ଶିଶୁବିକାଶ ତାଲିମକେନ୍ଦ୍ରରେ ମହିଳା ଓ ଶିଶୁବିଭାଗ ସହ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତରାଜ ପ୍ରତିଷ୍ଠା ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ବୈଠକରେ ଭାବେ ମହିଳା ଓ ଶିଶୁବିଭାଗ ମନ୍ତ୍ରୀ ବାସନ୍ତୀ

ହେମ୍ବ୍ରମ୍ ଯୋଗଦେଇ କହିଛନ୍ତି, ମହିଳାମାନଙ୍କ ଅଧିକାରକୁ ସମ୍ମାନ ଜଣାଇ ରାଜ୍ୟରେ ଗଠନମୂଳକ କାର୍ଯ୍ୟରେ ମହିଳାମାନଙ୍କୁ ସରକାର ନିୟୋଜିତ କରୁଛନ୍ତି। ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଫଳରେ ରାଜ୍ୟରେ ମହିଳାମାନଙ୍କର ପ୍ରଶାସନିକ ଦକ୍ଷତା ସହ ବୃତ୍ତିଗତ ମନୋଭାବ ସଶକ୍ତ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଛନ୍ତି। ମହିଳା ଓ ଶିଶୁବିକାଶ ତାଲିମ୍ କେନ୍ଦ୍ରକୁ ଉତ୍କର୍ଷ ତାଲିମ୍ କେନ୍ଦ୍ରରେ ରୂପାନ୍ତରିତ କରି ଗୁଣାତ୍ମକ ଶିକ୍ଷା ଓ ତାଲିମ୍ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଅଙ୍ଗନଓ୍ୱାଡି କର୍ମୀମାନେ ବିଶେଷଜ୍ଞ ଓ ଦକ୍ଷ ପ୍ରଶାସକ ପାଖରୁ ତାଲିମ୍ ପାଇପାରିବେ ବୋଲି ବିଭାଗୀୟ ଶାସନସଚିବ ଶୁଭା ଶର୍ମା ମତ ପ୍ରକାଶ କରିଛନ୍ତି।

## ପିଏମ୍-ସ୍ୱନିଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱନିଧି ଯୋଜନାର ପ୍ରଶଂସା କରିଛନ୍ତି। ଏହି ଯୋଜନାରେ ହିତାଧିକାରୀମାନଙ୍କ ସଂଖ୍ୟା ୫୦ ଲକ୍ଷକୁ ଅତିକ୍ରମ କରିଛି। ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ଏକ ପୋଷ୍ଟ ଉପରେ ଶ୍ରୀ ମୋଦୀ କହିଛନ୍ତି’ ପି.ଏମ୍. ସ୍ୱନିଧି ଯୋଜନା ଉଠାଦୋକାନୀମାନଙ୍କ ଜୀବନରେ ଉନ୍ନତି ଆଣିବା ସହ ସେମାନଙ୍କୁ ସମ୍ମାନର ସହ ବଞ୍ଚିବାର ସୁଯୋଗ ପ୍ରଦାନ କରିଛି।

ସୂଚନା ଅନୁସାରେ କେନ୍ଦ୍ର ସରକାର ୨୦୨୦ ଜୁନ୍ ୧ ତାରିଖରେ ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ୍ ଭେଣ୍ଡରସ୍ ଆତ୍ମନିର୍ଭର ନିଧି ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ମାଧ୍ୟମରେ  ଉଠାଦୋକାନୀମାନଙ୍କୁ ବ୍ୟବସାୟ ଆରମ୍ଭ କରିବା ପାଇଁ ଋଣ ସୁବିଧା ପ୍ରଦାନ କରାଯାଇଛି।

## ଆମ୍ବୁଲାନ୍ସ ଲୋକାର୍ପଣ-ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଅପରାହ୍ଣରେ ୨୬ଟି ନୂତନ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ରୋଗୀମାନଙ୍କୁ ଜରୁରୀକାଳିନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏହି ଆମ୍ବୁଲାନ୍ସଗୁଡ଼ିକ ଉପଲବ୍ଧ ହେବ। ଓଡ଼ିଶା ସରକାରଙ୍କ ପାଣ୍ଠିରୁ ୧୦ କୋଟି ୯୨ ଲକ୍ଷ ଟଙ୍କା ବିନିଯୋଗରେ ଏହି ଆମ୍ବୁଲାନ୍ସଗୁଡ଼ିକୁ କ୍ରୟ କରାଯାଇଛି।

# ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲ

ଅନୁଗୁଳ, କେନ୍ଦୁଝର ଜିଲ୍ଲାର ବଡବିଲ୍, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଭାଗିଦାରୀ ମାଧ୍ୟମରେ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ଏବଂ ମଲ୍‌ଟି ସ୍ପେଶାଲିଟି ହସ୍‌ପିଟାଲର ନିର୍ମାଣ ହେବ। ଏଥିପାଇଁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଏହା ଅଧିକ ସୁଦୃଢ଼ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ହାଇକୋର୍ଟ-ମୁଖ୍ୟ କାର୍ଯ୍ୟକାରୀ ବିଚାରପତି

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ବରିଷ୍ଠ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଆଜି ଦାୟିତ୍ୱ ଗ୍ରହଣ

କରିଛନ୍ତି। ଭାରତ ସରକାରଙ୍କ ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁସାରେ ରାଷ୍ଟ୍ରପତି ଓଡ଼ିଶା ହାଇକୋର୍ଟର ବିଚାରପତି ଡକ୍ଟର ଷଡଙ୍ଗୀଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଡକ୍ଟର ଷଡଙ୍ଗୀ ୧୯୬୨ ମସିହା ଜୁଲାଇ ୨୦ ତାରିଖରେ ନୟାଗଡ଼ ଜିଲ୍ଲା ଓଡଗାଁଠାରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଶା ଅର୍ଥସେବାର ଜଣେ ପ୍ରଥମ ଶ୍ରେଣୀ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। କଟକ ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟରୁ ଏଲ୍ଏଲ୍ବି ଓ ଏଲ୍ଏଲ୍ଏମ୍ ପାଠ୍ୟକ୍ରମ ଶେଷ କରିବା ପରେ ଆଇନ୍‌ରେ ପିଏଚ୍ଡି କରିଥିଲେ।

## ହାଇକୋର୍ଟ-ମୁଖ୍ୟ କାର୍ଯ୍ୟକାରୀ ବିଚାରପତି

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ବରିଷ୍ଠ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାରତ ସରକାରଙ୍କ ଆଇନ୍ ଓ ନ୍ୟାୟ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁସାରେ ରାଷ୍ଟ୍ରପତି ଓଡ଼ିଶା ହାଇକୋର୍ଟର ବିଚାରପତି ଡକ୍ଟର ଷଡଙ୍ଗୀଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଡକ୍ଟର ଷଡଙ୍ଗୀ ୧୯୬୨ ମସିହା ଜୁଲାଇ ୨୦ ତାରିଖରେ ନୟାଗଡ଼ ଜିଲ୍ଲା ଓଡଗାଁଠାରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଶା ଅର୍ଥସେବାର ଜଣେ ପ୍ରଥମ ଶ୍ରେଣୀ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। କଟକ ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟରୁ ଏଲ୍ଏଲ୍ବି ଓ ଏଲ୍ଏଲ୍ଏମ୍ ପାଠ୍ୟକ୍ରମ ଶେଷ କରିବା ପରେ ଆଇନ୍‌ରେ ପିଏଚ୍ଡି କରିଥିଲେ।

## କର୍ମଶାଳା

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପରିଷଦ ସଭାଗୃହରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟରେ ଭିନ୍ନକ୍ଷମମାନଙ୍କୁ ସାମିଲ ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ

କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ସଭାପତି ଜି.ତିରୁପତି ରାଓ ଅତିଥି ଭାବେ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସମସ୍ତ ବିକାଶମୂଳକ ଯୋଜନା କାର୍ଯ୍ୟକ୍ରମରେ ଜିଲ୍ଲାର ଭିନ୍ନକ୍ଷମମାନେ କିଭଳି ଅନ୍ତର୍ଭୁକ୍ତ ହେବେ ସେ ଦିଗରେ କାର୍ଯ୍ୟ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିବାକୁ କହିଛନ୍ତି । ଏହି ଅବସରରେ ୧୫ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ସ୍ୱରୂପ ଚେକ୍ ପ୍ରଦାନ କରାଯାଇଥିଲା ।

## ଏସିଆନ୍ ଗେମ୍ସ

ଚୀନ୍‌ର ହାଙ୍ଗଝୌଠାରେ ଚାଲିଥିବା ଏସୀୟ କ୍ରୀଡାର ଜାଭଲିନ୍ ଥ୍ରୋରେ ଭାରତର ନୀରଜ ଚୋପ୍ରା ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେ ୮୮ ଦଶମିକ ୮/୮ ମିଟର ଜାଭଲିନ୍ ଫିଙ୍ଗି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି । ସେହିଭଳି ଓଡ଼ିଶାର କିଶୋର ଜେନା ୮୭ ଦଶମିକ ୫/୪ ମିଟର ଜାଭଲିନ୍ ଫିଙ୍ଗି ରୌପ୍ୟ ପଦକ ହାସଲ କରିଛନ୍ତି । ଏହାସହ ସେ ୨୦୨୪ ପ୍ୟାରିସ୍‌ରେ ଅନୁଷ୍ଠିତ ହେବାକୁ ଥିବା ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ସେହିଭଳି ୪ X ୪୦୦ ମିଟର ପୁରୁଷ ରିଲେରେ ଭାରତକୁ ସ୍ୱର୍ଣ୍ଣ ପଦକ ମିଳିଛି । ଏହି ବର୍ଗର ମହିଳା ରିଲେ ରେସ୍‌ରେ ଭାରତକୁ ରୌପ୍ୟ ପଦକ ମିଳିଛି ।

ତୀରଚାଳନାରେ ଓଜସ୍ ଦେଓତାଲେ ଏବଂ ଜ୍ୟୋତି ଭେନମ୍ ମିଳିତ ଭାବେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେହିଭଳି ମହିଳା ବକ୍ସିଂର ୭୫ କିଲୋଗ୍ରାମ୍ ବର୍ଗରେ ଭାରତର ଲଭ୍‌ଲିନା ବୋର୍‌ଗୋହିନ୍ ରୌପ୍ୟ ପଦକ ଜିତିଛନ୍ତି । ଭାରତୀୟ ପୁରୁଷ ହକି ଦଳ ୫-୩ରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି ।

ଆଜିର ଏହି ପଦକ ସହ ଏସିଆନ୍ ଗେମ୍ସରେ ଭାରତ ବର୍ତ୍ତମାନ ସୁଦ୍ଧା ୧୮ଟି ସ୍ୱର୍ଣ୍ଣ ୨୯ଟି ରୌପ୍ୟ ଏବଂ ୩୨ଟି ବ୍ରୋଞ୍ଜ ସହ ମୋଟ୍ ୭୯ଟି ପଦକ ହାସଲ କରିଛି ।

## ପାଣିପାଗ

ଲଘୁଚାପର ପ୍ରଭାବ ହ୍ରାସ ପାଉଥିବାରୁ ରାଜ୍ୟରେ ବର୍ଷାର ପରିମାଣ କମିବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

ଅପରପକ୍ଷରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ କେନ୍ଦୁଝର, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

*********************************